# Sanchar

## Daiwik now in Shirdi

**Date: 23/04/2015 | Edition: Bhubaneshwar | Page: 10 | Source: Bureau | Clip size (cm): W: 13 H: 14**

**Clip: 1 of 1**

# ଡାଇୱିକ୍ ବର୍ତ୍ତମାନ ଶିରିଡ଼ିରେ



ବାର୍ତ୍ତା/ ନୂଆଦିଲ୍ଲୀ ,୨୨।୪ : ଡାଇୱିକ୍ ହୋଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ବିଶେଷତଃ ତୀର୍ଥଯାତ୍ରୀମାନଙ୍କ ପାଇଁ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାମେଶ୍ୱରମ୍, ତାମିଲ୍‌ନାଡୁ ପରେ ଶିରିଡ଼ିଠାରେ ଆଉ ଏକ ହୋଟେଲ୍‌ର ଶୁଭାରମ୍ଭ କରିଛି । ଆନ୍ତର୍ଜାତିକମାନର ହୋଟେଲ୍ ଭିତ୍ତିଭୂମି ଏବଂ ସେବା ସହିତ ସିରିଡିଠାରେ ଡାଇୱିକ୍ ହୋଟେଲ୍ ତୀର୍ଥଯାତ୍ରୀମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ଲକ୍ଷ୍ୟ ରଖିଛି । ତୀର୍ଥଯାତ୍ରୀମାନଙ୍କ ସେବା ସହାୟତା ପୂରଣ ପାଇଁ ଡାଇୱିକ୍ ହୋଟେଲ୍‌ର ସ୍ୱତନ୍ତ୍ର ମାନ୍ୟତା ରହିଛି । ଉଭୟ ମଧ୍ୟବିତ୍ତ ତଥା ଉଚ୍ଚ ଶ୍ରେଣୀର ତୀର୍ଥଯାତ୍ରୀମାନଙ୍କର ଚାହିଦା ବୃଦ୍ଧିକୁ ଦୃଷ୍ଟି ଦେଇ ଉପଯୁକ୍ତ ଗୁଣମାନର ହୋଟେଲ୍‌ର ଆବଶ୍ୟକତା ରହିଛି । ତେଣୁ ଏହି ଉଦ୍ଦେଶ୍ୟରେ ଡାଇୱିକ୍ ହୋଟେଲ୍ ସିରିଡିଠାରେ ତାର ଏହି ସ୍ୱତନ୍ତ୍ର ହୋଟେଲ୍‌ଟି ପରିସ୍ଥାପନା କରି ତୀର୍ଥଯାତ୍ରୀମାନଙ୍କର ଅଭିଳାଷକୁ ପୂରଣ କରିପାରିବ ବୋଲି ଆଶା ରଖିଛି । ଶିରିଡ଼ିଠାରେ ଅବସ୍ଥିତ ଏହି ହୋଟେଲ୍‌ରେ ରହିଛି ୫୬ ଗୋଟି ସୁସଜ୍ଜିତ କକ୍ଷ ଯେଉଁଥିରେ ୪ଟି ବର୍ଗର କକ୍ଷକୁ ଷ୍ଟାଣ୍ଡାର୍ଡ୍, ସୁପରିୟର, ଫ୍ୟାମିଲି ଡିଲକ୍ସ ଏବଂ ଜୁନିୟର ସୁଇଟ୍ କ୍ରମରେ ରଖାଯାଇଛି । ଏଠାରେ ମଧ୍ୟ ରହିଛି ବାଙ୍କ୍ୱେଟ୍ ହଲ୍, ଆକ୍ଟିଭିଟି ରୁମ୍, ସ୍ପା, କନ୍‌ଫରେନ୍‌ସ ରୁମ୍ ଏବଂ ବ୍ୟାବସାୟିକ କେନ୍ଦ୍ର ସୁବିଧା । ତୀର୍ଥଯାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ସୁବିଧା ଦ୍ୱାରା ସେମାନେ ମନ୍ଦିରର ନୀତି ନିର୍ଘଣ୍ଟ, ସମୟ ବିଷୟରେ ସୂଚନା ପାଇଥାନ୍ତି ଓ ଏହି ହୋଟେଲ୍ ସେମାନଙ୍କୁ ବିଶ୍ୱଶ୍ରେଣୀୟ ସେବା ସହାୟତା ଯୋଗାଇ ଦେଇଥାଏ । ଏହି ହୋଟେଲ୍‌ର ଅନ୍ୟତମ ଆକର୍ଷଣ ହେଉଛି ଆହାନ, ଯାହା ହେଉଛି ଏକ ମଲ୍‌ଟିକ୍ୟୁସିନ୍ ଭେଜିଟେରିଆନ୍ ରେଷ୍ଟୁରାଣ୍ଟ । ଏହି ହୋଟେଲ୍‌ର ସମ୍ବନ୍ଧରେ ସୂଚନା ପ୍ରଦାନ କରି ଡାଇୱିକ୍ ହୋଟେଲ୍ ପ୍ରା.ଲି.ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବାଶିଷ୍ ଘୋଷାଲ୍ କହିଛନ୍ତି ଯେ ମଧ୍ୟମ ବର୍ଗର ମାର୍କେଟ୍‌ରେ ଉପଯୁକ୍ତ ଗୁଣମାନର ଉତ୍ପାଦ ଯୋଗାଣ ମଧ୍ୟରେ ବ୍ୟବଧାନ ଓ ଚାହିଦାକୁ ଆଖି ଆଗରେ ରଖି ଆମେ ତୀର୍ଥଯାତ୍ରୀମାନଙ୍କ ପାଇଁ ସେବା ସହାୟତା କାର୍ଯ୍ୟକ୍ରମଟିକୁ ଏହି କାରଣରୁ ବାଛିଛୁ ।